**କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭ହଜାର ଟପିଲା**

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ଜିଲାରେ ୫୧ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୭,୦୩୧ ହୋଇଛି। ଜିଲାରେ ପ୍ରଥମ ଆକ୍ରାନ୍ତ ଗତ ଏପ୍ରିଲ ୭ ତାରିଖରେ ଚିହ୍ନଟ ହୋଇଥିଲା। ଏହି ସଂକ୍ରମଣ ମେ' ଶେଷ ପର୍ଯ୍ୟନ୍ତ ସୀମିତ ସଂଖ୍ୟକ ଥିବାବେଳେ ଅଗଷ୍ଟ ଓ ସେପ୍ଟେମ୍ବରରେ ପ୍ରତ୍ୟହ ଶତାଧିକ ଚିହ୍ନଟ ହେଉଥିଲେ। ତେବେ ଗତ ୧୫ ତାରିଖଠାରୁ ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତ୍ୟହ ୫୦ରୁ ୧୦୦ମଧ୍ୟରେ ରହୁଛି। ଜିଲାରେ ୬,୨୦୯ ଜଣ କରୋନାରୁ ସୁସ୍ଥ ହୋଇଥିବା ବେଳେ ଅଦ୍ୟାବଧି ୧୮ ଜଣଙ୍କର ମୃତ୍ୟୁ ହୋଇଛି।

## ସଂକ୍ଷେପରେ

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଧର୍ମଶାଳା, ୨୨।୧୦ (ଡି.ଏନ୍.ଏ.):** ଜେନାପୁର ଥାନା ଅଧୀନ ବାଉଁଶମୂଳି ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ସହ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଉଁଶମୂଳି ଗ୍ରାମର ରମେଶ ମଲିକ। ପ୍ରକାଶ ଯେ, ଗ୍ରାମର ଅଖୋଜି ମଲିକ (୪୧) ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ରମେଶ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଅଖୋଜି ସେଠାରେ ଅଚେତ ହୋଇ ପଡ଼ିଯାଇଥିଲେ। ଖବରପାଇ ଅଖୋଜିଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ ମଧ ସେମାନଙ୍କୁ ରମେଶ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ପରିବାର ଲୋକ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୨୫୩/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ବିରଜାଙ୍କ ପୀଠ ପରିକ୍ରମା କଲା ସିଂହଧ୍ୱଜ ରଥ

**ଯାଜପୁର ଟାଉନ, ୨୨।୧୦ (ଡି.ଏନ୍.ଏ.):** ଯାଜପୁରର ପ୍ରସିଦ୍ଧ ମା' ବିରଜାଙ୍କ ରଥଯାତ୍ରାର ଗୁରୁବାର ଥିଲା ୬ଷ୍ଠ ଦିବସ। ଏହି ଉପଲକ୍ଷେ ବୁଧବାର ମଧରାତ୍ରିରୁ ଆରମ୍ଭ ହୋଇଥିବା ଯଜ୍ଞ ଗୁରୁବାର ସକାଳ ୭ଟାରେ ସମାପନ ହେବା ପରେ ମନ୍ଦିର ପହଡ଼ ପକାଯାଇଥିଲା। ବୁଧବାର ମା'ଙ୍କ ପାଠରେ ମହାସପ୍ତମୀ ପୂଜାର ଆୟୋଜନ କରାଯାଇଥିଲା। ସକାଳ ୮ଟାରେ ସ୍ନାନ ପରେ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇଥିଲା। ଅପରାହ୍ନ ପହଡ଼ ପରେ ରଥ ଉପରେ ମା'ଙ୍କ ବିଜୟ ପ୍ରତିମା ନିକଟରେ ପଞ୍ଚୋପଚାର ପୂଜା କରାଯାଇଥିଲା। ପୂର୍ବ ଦକ୍ଷିଣ କୋଣରେ ରଥ ରଖାଯାଇ ଘଣ୍ଟ, ବାଦ୍ୟରେ ଓ ଛତ୍ର ତରଶ ମଧରେ ମା'ଙ୍କ ଆର୍ଶୀଦଣ୍ଡକୁ ମନ୍ଦିରର ଗର୍ଭଗୃହକୁ ପ୍ରବେଶ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ରାତି ୮ଟା ୩୦ରେ ମନ୍ଦିରର ଗର୍ଭଗୃହକୁ ଧୂଆ କରାଯାଇ ରାତ୍ରି ଷୋଡ଼ଶୋପଚାର ପୂଜାର ଆୟୋଜନ କରାଯାଇଥିଲା। ରାତି ୧୨ଟାରେ ପୂଜା ସମ୍ପନ୍ନ ହେବା ପରେ ଯଜ୍ଞ ଆୟୋଜନ କରାଯାଇଛଇ। ଯଜ୍ଞରେ ପୂଜକ ପୂର୍ଣ୍ଣଚନ୍ଦ୍ର କରଙ୍କ ଉପସ୍ଥିତିରେ ଚରୁ ପାଳିଆ ଗିରିଜା ପ୍ରସାଦ ପାଣି, ଅଭିମନ୍ୟୁ ପାଣି ଓ ମୁଖ୍ୟ ପୁରୋଧା ହିମାଂଶୁ ଶେଖର ପତିମିଶ୍ର, ଡ଼ଃ ଜ୍ଞାନରଞ୍ଜନ ପତି, ସରୋଜ ପତି, ପ୍ରମୋଦ ପତି ପ୍ରମୁଖ ଉପସ୍ଥିତ ଥିଲେ।

### ବିମଳାଙ୍କ ପୀଠରେ ଚଣ୍ଡୀପାଠ

**ଖଣ୍ଡପଡ଼ା,୨୨।୧୦(ସ୍ୱ.ପ୍ର.):** କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ଗୁରୁବାର ସପ୍ତମୀ ପୂଜା ଅବସରରେ ଚଣ୍ଡୀପାଠ ଓ ହୋମକାର୍ଯ୍ୟ କରାଯାଇଛି। ଘଟ ସ୍ଥାପନ ପରେ ଶ୍ରୀକାନ୍ତ ମିଶ୍ର ଓ ସହଯୋଗୀଙ୍କ ଦ୍ୱାରା ଚଣ୍ଡୀପାଠ ଆରମ୍ଭ ହୋଇଥିଲା।

### ଜବରଦଖଲ ଉଚ୍ଛେଦ

**ନୟାଗଡ଼ ଅଫିସ,୨୨।୧୦:** ନୟାଗଡ଼ ସହରରେ ବହୁ ମୂଲ୍ୟବାନ ଜମି ଜବରଦଖଲରେ ରହିଥିବାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଚାଲୁ ରହିଛି। ଗୁରୁବାର ଦୁର୍ଗାପୂଜା ମଣ୍ଡପ ସମ୍ମୁଖ ଏକ ଦୋକାନକୁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଭଙ୍ଗାଯାଇ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଅଭିଯାନ ଜାରିରହିବ ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

### ଗ୍ରାମବାସୀ ଚୋର ଧରି ପୋଲିସ ଜିମା ଦେଲେ

**ରାଜନଗର, ୨୨।୧୦(ଡି.ଏନ୍.ଏ.):** ରାଜନଗର ଥାନା ଅନ୍ତର୍ଗତ ଶିଳପୋଖରୀ ଗାଁରୁ ଜଣେ ଚୋରଙ୍କୁ ବୁଧବାର ରାତିରେ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଗୁପ୍ତିପଞ୍ଚାୟତ ଅନ୍ତର୍ଗତ ଓକିଲପାଳ ଗ୍ରାମର ଅଭୟ ସାମଲ(୪୭)। ରାତିରେ ଅଭୟ ୨ ଜଣ ସହଯୋଗୀଙ୍କ ସହ ମିଶି ଶିଳପୋଖରୀ ଗାଁର ବିଦୂର ମଣ୍ଡଳଙ୍କ ତେଜରାତି ଦୋକାନ ଓ ଉଦୟ ମଣ୍ଡଳଙ୍କ କ୍ୟାବିନରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ଗାଁ ନିକଟ ପୋଲ ଉପରେ ଅଭିଯୁକ୍ତମାନେ ଚୋରି ସାମଗ୍ରୀ ଭାଗବଣ୍ଟା କରୁଥିଲେ। ଏହି ସମୟରେ ଗ୍ରାମବାସୀ ଆସି ଅଭୟଙ୍କୁ କାବୁ କରିଥିଲେ। । ଏନେଇ ଥାନାରେ ମାମଲା (ନଂ-୨୪୮/୨୦)ରୁଜୁ ହୋଇଛି।

# ଜଳସେଚନ ଆଶାରେ ବିତିଲା ୮ ବର୍ଷ

**ଯାଜପୁର ଅଫିସ/ବରୀ, ୨୨।୧୦ (ଡି.ଏନ୍.ଏ.)**



ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ।

**ମେଗା ଉଠା ଜଳସେଚନ ପ୍ରକଳ୍ପ**
- ଯାଜପୁର ଜିଲାର ୧୨,୮୦୦ ହେକ୍ଟର ଜମିରେ ଜଳସେଚନ ପ୍ରସ୍ତାବ
- ଅଧାରେ ଅଟକିଛି ୯ ପମ୍ପ ହାଉସ

ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରେ ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଥିଲେ। ଉଚ୍ଚ ଭୂମିରେ ଥିବା ଚାଷଜମିକୁ ନଦୀ ଏବଂ ଜଳ ଭଣ୍ଡାରରୁ ପାଣି ଉଠାଇ ଜଳସେଚନ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଏହି କ୍ରମରେ ବସୁନ୍ଧରା, ଇନ୍ଦ୍ରାବତୀ, ତେଲ, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଇତ୍ୟାଦି ନଦୀରୁ ଏହି ପ୍ରକଳ୍ପ କରିବାକୁ ଯୋଜନା ହୋଇଥିଲା। ପ୍ରଥମେ ୧୫ଟି କ୍ଲଷ୍ଟରରେ ସମୁଦାୟ ୨,୩୨,୭୧୦ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ପରିକଳ୍ପନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଲକ୍ଷ୍ୟ ଧାର୍ଯ୍ୟରେ ପରିବର୍ତ୍ତନ ହୋଇଛି। ସେଥିମଧ୍ୟରୁ ନିର୍ମାଣାଧୀନ ୪୮ଟି ପ୍ରକଳ୍ପ କାର୍ଯ୍ୟ ୨୦୨୧ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଗତ ୨୪ ତାରିଖରେ ଅନୁଷ୍ଠିତ ଜଳ ସମ୍ପଦ ବିଭାଗର ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଯାଜପୁର ଜିଲାର କେଲୁଅ, ବିରୂପା, ତଣ୍ଟିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ଏଲ୍ଆଣ୍ଡଟି ସଂସ୍ଥା ଦ୍ୱାରା ନିର୍ମାଣାଧୀନ ୯ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ ବି ଚାଷୀଙ୍କ କାର୍ଯ୍ୟରେ ଲାଗିପାରିନାହିଁ। ବିଭାଗୀୟ ଯନ୍ତ୍ରୀ କେବଳ ସମୟ ଗଡ଼େଇ ଚାଲିଥିବାରୁ ଜିଲାର ଚାଷୀଙ୍କ ଆଶା ମଉଳିଯାଇଛି। ଏହାବାଦ ଏହି ମେଗା ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି, ଅନିୟମିତତା, ଅବହେଳା ଏବଂ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି।

ଜିଲାର ବରୀ ବ୍ଲକ ଅଧୀନ ଅସଲପୁର, ଚଟୁମାରୀ ଓ ରଜାପୁରଠାରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ୩ ହଜାର ୭ ଶହ ହେକ୍ଟର ଜମିକୁ ଜଳସେଚିତ କରାଯିବାର ଧାର୍ଯ୍ୟ ହୋଇଛି। କିନ୍ତୁ ରଜାପୁର ପାଇଁ ନିର୍ମାଣ ହୋଇଥିବା ପ୍ରକଳ୍ପର ଅଲିପୁର ଓ ବାଲିବିଲିଠାରେ ରାସ୍ତା ଅତିକ୍ରମ କରିଥିବା ସ୍ଥାନଗୁଡିକରେ ବିଛା ଯାଇଥିବା ପାଇପଗୁଡ଼ିକ ପୋତା ଯାଇନାହିଁ। ଏହାସହ ଆବଶ୍ୟକ ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ଗତ ବନ୍ୟାରେ ଏହା ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ବିପୁଳ ପରିମାଣର ଟଙ୍କା କୃଷକମାନଙ୍କ ହିତରେ ନ ଲାଗି ପାଣିରେ ପଡ଼ିବ ବୋଲି ବରୀ ଅଞ୍ଚଳର ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହାବାଦ ଜିଲାର ବଡ଼ଚଣା, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳରେ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ଯୋଜନା ହୋଇଛି। ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ରସୁଲପୁର ବ୍ଲକ ଅଞ୍ଚଳରେ ଖରସ୍ରୋତା ନଦୀରୁ ପ୍ରସ୍ତାବିତ ତୁଳସୀପୁର ଓ ରାଉତରାପୁର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ଅବସ୍ଥା ମଧ ତଦ୍ରୁପ। ରାଜ୍ୟ ଜଳ ସମ୍ପଦ ବିଭାଗ ଅଧୀନ ମେଗା ଉଠା ଜଳସେଚନ ୟୁନିଟ୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୨୦୦୦ହେକ୍ଟର, ବରୀ ନିର୍ବାଚନ ମଣ୍ଡଳୀର ୩,୭୦୦ ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନ ମଣ୍ଡଳୀର ୧୭୦୦ ହେକ୍ଟର ଜମିରେ ଜଳସେଚନ ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ବାଲିକୁଣ୍ଡ, ଅସଲପୁର, ଚଟୁମାରି, ରଜାପୁର, ରାହାପଡା, ତଣ୍ଟିଘାଇ (ବାମ ଓ ଡାହାଣ), ରାଉତରାପୁର ଓ ତୁଳସୀପୁରଠାରେ ପମ୍ପହାଉସ ନିର୍ମାଣ ଚାଲିଛି। ଛିଣ୍ଡା-ଖରସ୍ରୋତା ନଦୀକୂଳ ଟିକରପଡ଼ାରେ ନିର୍ମାଣାଧୀନ ଷ୍ଟ୍ରକ୍ଚର ଏ ଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଦର୍କୁଣ୍ଡି, ଟିକରପଡ଼ା, ଭଗୀରଥପୁର ଆଦି ଗ୍ରାମର ଚାଷୀଙ୍କ ଜମିରେ ବଡ଼ ବଡ଼ ପାଇପ ପଡି ରହିଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ମରୁଡି ସମୟରେ ଚାଷୀ ଜଳସେଚନର ସୁବିଧା ନ ପାଇ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ମେଗା ଉଠା ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ସୁନୀଲ ରାଉତ କହିଛନ୍ତି, ଆସନ୍ତା ୬ରୁ ୭ମାସ ମଧରେ ଜିଲାର ସମସ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ଚାଲିଛି।

## ବିଲ୍ୱାଧିବାସ ସହ ଡେରାବିଶରେ ଦୁର୍ଗାପୂଜା ଆରମ୍ଭ

**ଡେରାବିଶ,୨୨।୧୦(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ପୂଜା ମଣ୍ଡପରେ ଗୁରୁବାର ଷଷ୍ଠୀ ତିଥିରେ ବିଲ୍ୱାଧିବାସ ସହ ଦୁର୍ଗାପୂଜା ଆରମ୍ଭ ହୋଇଛି। ତେବେ ପ୍ରଶାସନ ପକ୍ଷରୁ କରାଯାଇଥିବା କୋଭିଡ୍ କଟକଣା ପାଇଁ ପୂଜା ମଣ୍ଡପଗୁଡ଼ିକ ଖାଁ ଖାଁ ଲାଗିଥିଲା। ବ୍ଲକ ଅନ୍ତର୍ଗତ ଏଣ୍ଡର, ତିଲଙ୍ଗ, ଛଟିଣା, ହଳଦିଆପାଟଣା, ଛାଞ୍ଚୁଣିଆ, ସବଳଙ୍ଗକଣିପଡ଼ା ସ୍ଥିତ ଜୟଭାରତୀ ସାଥୀସମାଜ, ନାଲୁବାବାଙ୍କ ମଠ, ହରିଅଙ୍କର ଭୋଳହାଟ, ଖରିଦାସାହି, ମୁକୁନ୍ଦପୁର ଆଦି ପୂଜାମଣ୍ଡପରେ କମିଟି କର୍ମକର୍ତ୍ତା କଟକଣାକୁ ଠିକ୍ ଭାବେ ପାଳନ କରୁଥିବା ଦେଖାଯାଇଥିଲା। ଏଣ୍ଡର, ଛଟିଣା ଆଦି କେତେକ ପୂଜାମଣ୍ଡପରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ପଣାହାଣ୍ଡି ଭୋଗ ଓ ଭୋଗଡାଲା ଉପରେ କଟକଣା କରାଯାଇଥିବା ବିଡ଼ିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ମହାମାରୀ କରୋନାରୁ ନିଜକୁ ସୁରକ୍ଷାଦେବା ପାଇଁ କେବଳ ପାରମ୍ପରିକ ରୀତିରେ ପୂଜା କରିବାକୁ ବିଭିନ୍ନ କମିଟି ନିଷ୍ପତ୍ତି ନେଇଛନ୍ତି।

## ସଫେଇ ମାଧ୍ୟମରେ ମନ ଜିଣିବାକୁ ପ୍ରୟାସ

**ତିର୍ତ୍ତୋଲ ଉପ ନିର୍ବାଚନ**

**ରଘୁନାଥପୁର,୨୨।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ଉପନିର୍ବାଚନ ପାଇଁ ରଘୁନାଥପୁର ବ୍ଲକ ଅଞ୍ଚଳରେ ଭାଜପା ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଗାଁ ସଫେଇ କରି ଜନତାଙ୍କୁ ନିଜ ସପକ୍ଷରେ ନେବା ପାଇଁ ଦଳୀୟ କର୍ମୀ ଲାଗି ପଡିଛନ୍ତି। ଗୁରୁବାର ଜଗନ୍ନାଥ ବାରିକଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଅଶ୍ୱିନୀ ମାଝୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ପ୍ରଭାରୀ ରମେଶ ପୃଷ୍ଟି, ଜିଲା କର୍ମକର୍ତ୍ତା ମାନସ କୁମାର ମହାପାତ୍ର ଓ ବଟକୃଷ୍ଣ ନାୟକ ପ୍ରମୁଖ ବ୍ଲକ ଅଧୀନ ଚିକିଣିଆ ପଞ୍ଚାୟତ ଏରଣ୍ଡପାଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ସଫେଇ କରିବା ସହ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ପାଇଁ ପ୍ରଚାର କରିଥିଲେ। ଏଥିସହିତ ଗ୍ରାମର ଯୁବକ ଓ ମହିଳାଙ୍କୁ ସଫେଇରେ ସାମିଲ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବାର୍ତ୍ତା ପହଞ୍ଚାଇଥିଲେ। ଏଥିରେ ସୁନାକର ନାୟକ, ଦିଲୀପ ଲେଙ୍କା, ଶିଶିର ବାରିକ ଓ ପ୍ରକାଶ ଦଳେଇଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

## ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ୭ ଦଫା ଦାବିପତ୍ର

**ନାଉଗାଁ,୨୨।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ୭ ଦଫା ସମ୍ବଳିତ ଦାବିପତ୍ର ବିଭାଗ କନିଷ୍ଠଯନ୍ତ୍ରୀ କମଳାକାନ୍ତ ବିଷୋୟୀଙ୍କୁ ଗୁରୁବାର ଦିଆଯାଇଛି। ସଂଘର ସୁବାସ ସ୍ୱାଇଁ ଓ ସୁରେଶ ଚନ୍ଦ୍ର ବେହୁରା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ବିଦ୍ୟୁତ୍ ଘରୋଇ କରଣକୁ ବନ୍ଦ କରିବା, ନିର୍ଦ୍ଦିଷ୍ଟ ତାରିଖରେ ମିଟର ରିଡିଂ କରାଯିବା, ୧୦ ସେପ୍ଟମ୍ବରରୁ ଆଦାୟ ହୋଇଥିବା ବିର୍ଦ୍ଧିତ ଦେୟକୁ ଫେରସ୍ତ କରିବା, ଭାତପଡ଼ା ଓ ଡେରିକି ଗ୍ରୀଡ୍‌କୁ କାର୍ଯ୍ୟକାରୀ କରିବା, ବିପଦ ସଙ୍କୁଳ ଅବସ୍ଥାରେ ଥିବା ତାର ଓ ଖୁଣ୍ଟକୁ ଉପଯୁକ୍ତ ମରାମତି କରିବା ଆଦି ଉଲ୍ଲେଖ ରହିଛି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ବିଷୋୟୀ କହିଛନ୍ତି, ଆଦାୟ ହୋଇଥିବା ବର୍ଦ୍ଧିତ ବିଲକୁ ସଂଶୋଧନ କରାଯିବ। ଅନ୍ୟାନ୍ୟ ଦାବି ଉପରେ ବିଚାର କରାଯିବ।

## ବେଆଇନ ଖଣି ଖନନ ନେଇ କଂଗ୍ରେସର ଏତଲା



ଥାନା ଅଧିକାରୀଙ୍କୁ ଏତଲା କପି ଦେଉଛନ୍ତି କଂଗ୍ରେସ କର୍ମକର୍ତ୍ତା।

**ନୟାଗଡ଼ ଅଫିସ,୨୨।୧୦**

ଦଶପଲ୍ଲା ତହସିଲ ପୋଇବାଡି ଆର୍ଆଇ ସର୍କଲର ମଳିକ ପାହାଡ ଓ ଭାଲୁ ମୁଣ୍ଡିଆରୁ ବେଆଇନ ଖଣିଖନନ ନେଇ ଜିଲା କଂଗ୍ରେସ ପକ୍ଷରୁ ଦଶପଲ୍ଲା ଥାନାରେ ଗୁରୁବାର ଏତଲା ଦିଆଯାଇଛି। ଦଶପଲ୍ଲା ତହସିଲଦାର, ଆର୍ଆଇ ଅଫିସ କର୍ମଚାରୀ ଓ ଖଣି ଚୋରଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଏତଲାରେ ଦର୍ଶାଯାଇଛି। ପରେ ଷ୍ଟେସନ ଡାଏରୀ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି କିରଣ ହେମ୍ବ୍ରମ ସୂଚନା ଦେଇଛନ୍ତି। କଂଗ୍ରେସର ଅଭିଯୋଗ ଅନୁସାରେ ମଳିକ ପାହାଡ ଓ ଭାଲୁ ମୁଣ୍ଡିଆରୁ ଦେଢ଼ବର୍ଷ ହେଲା ୫୦ କୋଟି ଟଙ୍କାର କଳାମୁଗୁନି ପଥର ଚୋରି ହୋଇ ସାରିଲାଣି। ଏବେ ପ୍ରତିଦିନ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମେଟାଲ, ଚିପ୍ସ, ବଜୁରି ଚୋରା ଚାଲାଣ ହେଉଛି। ଏ ନେଇ ତହସିଲଦାର ଜାଣିଥିଲେ ମଧ ପଦକ୍ଷେପ ନେଉ ନାହାନ୍ତି। ଜିଲାପାଳଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଉମାରାଣୀ ପାଣି, ବରିଷ୍ଠ ନେତା ରାଜୀବ ଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୧୮ ୟୁନିଟ୍ ରକ୍ତ ସଂଗ୍ରହ

**ଚଣ୍ଡିଖୋଲ, ୨୨।୧୦ (ଡି.ଏନ.ଏ.)**

ବଡ଼ଚଣା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ ଶିବିର ପରିଚାଳନା କରିଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ରଶ୍ମିରଞ୍ଜନ ପଶାୟତ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଉପସଭାପତି ନିରଞ୍ଜନ ସେନାପତି, ଜିଲା ମହିଳା ବିଜେଡି ସଭାନେତ୍ରୀ ପୂଜାରାଣୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗଦେଲେ ଅନ୍ୟ ଦଳର କର୍ମୀ



ଭାଜପା ପକ୍ଷରୁ ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ତିର୍ତ୍ତୋଲ,୨୨।୧୦(ଡି.ଏନ.ଏ.):** ତିର୍ତ୍ତୋଲ ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସମେତ କର୍ମୀମାନେ ଦଳ ବଦଳାଉଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ଗୁରୁବାର ସନ୍ଧ୍ୟାରେ ତିର୍ତ୍ତୋଲ ଆନନ୍ଦ ମଣ୍ଡପରେ ଥିବା ଭାଜପା ନିର୍ବାଚନ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଅନ୍ୟଦଳର ୩୦ରୁ ଉର୍ଦ୍ଧ୍ୱ କର୍ମୀ ଦଳ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଉପସ୍ଥିତ ଦଳୀୟ ନେତା ଦଳର ଉତ୍ତରୀୟ ଓ ଟୋପି ପ୍ରଦାନ କରି ଦଳକୁ ସ୍ୱାଗତ କରିଛନ୍ତି। ସାମିଲ ହୋଇଥିବା କର୍ମୀଙ୍କ ମଧ୍ୟରେ ବିକ୍ରମ କୁମାର ବିଶ୍ୱାଳ, ପ୍ରକାଶ ଲେଙ୍କା, ଦିଲୀପ ବିଶ୍ୱାଳ, ବାବାଜୀ ଦାସ, କାଳନ୍ଦୀ ଦାସ ଓ ରାଜକିଶୋର ରାଉତ ପ୍ରମୁଖ ରହିଛନ୍ତି। ଉପସ୍ଥିତ ଦଳୀୟ ପ୍ରଭାରୀ ଶଶିକାନ୍ତ ପରିଡା, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଚନ୍ଦ୍ର ଜେନା, ଜଗନ୍ନାଥପୁର ମଣ୍ଡଳ ସଭାପତି ସୁନନ୍ଦ ବିଶ୍ୱାଳ, ଦଳୀୟ ସଂଯୋଜକ ବିଶ୍ୱଭୂଷଣ ସ୍ୱାଇଁ, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା, ଓବିସି ସେଲ ରାଜ୍ୟ ଉପସଭାପତି ନୃସିଂହ ଚରଣ ସାହୁ, ଚନ୍ଦନ ମଲ୍ଲିକ ଓ ଭରତ ନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ।

# ବେପାରୀଙ୍କ କବ୍‌ଜାରେ ଚାଷୀ ହାଟ



**ରସୁଲପୁର, ୨୨।୧୦ (ଡି.ଏନ୍.ଏ.)**

- ବାହାର ରାଜ୍ୟରୁ ଆସୁଛି ପରିବା
- ହାଟକୁ ଆସୁନାହାନ୍ତି ଚାଷୀ

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ପରିବା ହାଟ ଚାଷୀ ହାଟ ଭାବେ ପରିଚିତ। ସ୍ଥାନୀୟ ଅଞ୍ଚଳର ଚାଷୀ ବିଭିନ୍ନ କିସମର ପନିପରିବା ଚାଷକରି ଏହି ହାଟକୁ ବିକ୍ରି କରିବାକୁ ଆସନ୍ତି । ଚାଷୀ ଓ ବ୍ୟବସାୟୀଙ୍କ ମେଳରେ ହାଟ ଚଳଚଞ୍ଚଳ ହୋଇଉଠେ। ମାତ୍ର ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଚାଷ ଉଜୁଡି ଯାଇଥିବାରୁ ହାଟରେ ଆଉ ଚାଷୀଙ୍କୁ ଦେଖିବାକୁ ମିଳୁନି। ଏହା ଏବେ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ବର୍ଷ ତମାମ ପନିପରିବା ଉତ୍ପାଦନ କରିବାରେ ସିଦ୍ଧହସ୍ତ ଥିବା ଚାଷୀ ଏବେ ହାଟରେ ଖାଉଟି ସାଜିଛି। ପରିବା ଗଦି ବ୍ୟବସାୟୀ(ବାହାର ରାଜ୍ୟରୁ ପରିବା ପରିବହନ କରୁଥିବା ବ୍ୟବସାୟୀ) ଓ ଖୁଚୁରା ବ୍ୟବସାୟୀଙ୍କୁ ନେଇ ହାଟ ଚାଲୁଛି। ବାହାର ରାଜ୍ୟର ପରିବା ଆସୁଥିବା ଯୋଗୁ ଦର ଆକାଶଛୁଆଁ ହୋଇଛି। କୌଣସି ପରିବା ୪୦ଟଙ୍କା ତଳକୁ ମିଳୁନାହିଁ। ଫଳରେ ଖାଉଟିମାନଙ୍କ ପାଇଁ ପରିବା କିଣିବା କଷ୍ଟକର ହୋଇପଡ଼ିଛି । ପରିବା ଦର ବଢ଼ିଯାଇଥିବାରୁ ଖାଉଟି ସଂଖ୍ୟା ମଧ କମିଯାଇଛି। ଅପରପକ୍ଷେ ବ୍ୟବସାୟୀମାନେ କରୋନା କଟକଣା ମାନୁ ନ ଥିବା ଅଭିଯୋଗ ହୋଇଛି। ସେମାନେ ସାମାଜିକ ଦୂରତା ରକ୍ଷା କରୁ ନ ଥିବା ବେଳେ ମାସ୍କ ପିନ୍ଧୁ ନ ଥିବା ଅଭିଯୋଗ ହୋଇଛି। ଏହାଛଡ଼ା ବ୍ୟବସାୟୀ ପରିବା ବୋଝେଇ ଗାଡ଼ି ରାଜପଥରେ ଥୋଇ ମାଲ ଖଲାସ କରୁଛନ୍ତି। ଏହି ହାଟସ୍ଥଳର ରାଜପଥ ଉପରେ ଓଭର ବ୍ରିଜ୍ ନିର୍ମାଣ ଓ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏନେଇ ବହୁ ସମୟରେ ଗମନାଗମନ ବାଧାପ୍ରାପ୍ତ ହେଉଛି। ବହୁ ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ରାଜପଥରୁ ବେଆଇନ ପାର୍କିଂ ହଟାଇବା ସହ ଚାଷୀ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।



ଭଙ୍ଗାକାନ୍ଥରେ ଅଙ୍କାଯାଇଥିବା ଫଟୋଚିତ୍ର।

# ଭଙ୍ଗାକାନ୍ଥରେ ୱାଲ୍‌ପେଣ୍ଟିଂ

**ନୟାଗଡ଼ ଅଫିସ,୨୨।୧୦**

**ସୌନ୍ଦର୍ଯ୍ୟକରଣର ସ୍ଥାୟିତ୍ୱ ନେଇ ପ୍ରଶ୍ନ**

ପ୍ରଶାସନ ପକ୍ଷରୁ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ କାନ୍ଥ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁରହିଛି। ତେବେ କିଛି ସ୍ଥାନରେ ଭଙ୍ଗା କାନ୍ଥରେ ୱାଲ୍‌ପେଣ୍ଟିଂ କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ନୟାଗଡ଼ ଜଗନ୍ନାଥ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ପ୍ରାଚୀର ଭାଙ୍ଗିଯାଇଥିଲା। ଏହା ଏଯାବତ ମରାମତି ହୋଇପାରି ନାହିଁ। ଏଭଳିସ୍ଥଳେ ମନ୍ଦିର ଦକ୍ଷିଣପାର୍ଶ୍ୱ ପ୍ରାଚୀରରେ ୱାଲ୍‌ପେଣ୍ଟିଂ କରାଯାଉଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଚୀରରେ ଫଟୋଚିତ୍ର ଶୋଭାପାଉଛି। କିନ୍ତୁ କିଛି ପ୍ରାଚୀର ନଷ୍ଟ ହୋଇଯାଇଥିଲେ ମଧ ତାକୁ ପ୍ରାଧାନ୍ୟ ଦିଆଯାଉନି। ଜିଲାର ବିଭିନ୍ନ ସ୍ଥାନରେ ପ୍ରାଚୀର ନଷ୍ଟ ହୋଇ ରହିଛି।

ଲୋକଙ୍କୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଜିଲା ଓ ରାଜ୍ୟ ଐତିହ୍ୟର ଫଟୋଚିତ୍ର ଏହି ପ୍ରାଚୀରରେ କରାଯାଉଛି। କାନ୍ଥ ସୌନ୍ଦର୍ଯ୍ୟକରଣ ଏକ ଭଲ ପଦକ୍ଷେପ। ଏହା ଦ୍ୱାରା ପେଣ୍ଟରମାନେ ବି ରୋଜଗାର ପାଇଥାନ୍ତି। କିନ୍ତୁ ପେଣ୍ଟିଂ ପୂର୍ବରୁ ପ୍ରାଚୀର କେତେ ସୁରକ୍ଷିତ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ। ଯଦି ଏହା ଭୁଶୁଡ଼ିପଡେ ତେବେ ଫଟୋଚିତ୍ର କରି ଲାଭ କ'ଣ ବୋଲି ପ୍ରଶ୍ନ ଉଠୁଛି। ଭାଙ୍ଗିଥିବା କାନ୍ଥରେ ୱାଲପେଣ୍ଟିଂ ସରକାରୀ ଅନୁଦାନ ଅପବ୍ୟୟ ବୋଲି କୁହାଯିବ। ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଆମେ ଅନୁଧ୍ୟାନ କରିବୁ। ଯଦି କାନ୍ଥ ବିପଦସଙ୍କୁଳ ଥାଏ ଆଉ ଚିତ୍ର କରିବୁ ନାହିଁ।

